# ଦ୍ୱିତୀୟ ଅଧ୍ୟାୟ


# ଭାରତର ନଦୀ

ଭାରତର ମୁଖ୍ୟନଦୀ ମାନଚିତ୍ରକୁ ଲକ୍ଷ୍ୟ କର । ତୁମେ ଦେଖିବାକୁ ପାଇବ ଯେ, ଛୋଟ ଛୋଟ ନଦୀଗୁଡ଼ିକ ବିଭିନ୍ନ ଦିଗରୁ ବହିଆସି ମୁଖ୍ୟନଦୀ ସହ ମିଳିତ ହୋଇଛନ୍ତି । ଏହି ମୁଖ୍ୟନଦୀଟି ଶେଷରେ କୌଣସି ହ୍ରଦ କିମ୍ବା ସମୁଦ୍ରରେ ପଡ଼ିଅଛି । ଯେଉଁ ଅଞ୍ଚଳ ଗୋଟିଏ ମୁଖ୍ୟନଦୀ ଓ ତା'ର ସମସ୍ତ ଉପନଦୀଗୁଡ଼ିକୁ ଜଳ ଯୋଗାଇଥାଏ ତାହାକୁ ନଦୀର ଅବବାହିକା କୁହାଯାଏ ।

**ତୁମେ ଜାଣିଛ କି ?**

*ଯେଉଁନଦୀଗୁଡ଼ିକ ମୁଖ୍ୟନଦୀକୁ ଜଳଯୋଗାଇଥାନ୍ତି ସେଗୁଡ଼ିକୁ ଉପନଦୀ (Tributary river) କୁହାଯାଏ ।*

ନିରୀକ୍ଷଣ କଲେ ଜଣାଯାଏ ଯେ ପାହାଡ଼ ପର୍ବତ କିମ୍ବା କୌଣସି ଏକ ଉଚ୍ଚଭୂମି ଦୁଇଟି ଅବବାହିକା ଅଞ୍ଚଳକୁ ପୃଥକ୍ କରୁଅଛି । ଏହି ଉଚ୍ଚଭୂମିକୁ ଜଳବିଭାଜିକା (Water Divide) କୁହାଯାଏ । ପଶ୍ଚିମଘାଟ ପର୍ବତମାଳା, ହିମାଳୟ ପର୍ବତଶ୍ରେଣୀ ଗୋଟିଏ ଗୋଟିଏ ଜଳବିଭାଜିକା ।



ଚିତ୍ର:ଜଳବିଭାଜିକା

ଚିତ୍ର : 6

**ତୁମେ ଜାଣିଛ କି ?**

*ଇଜପଟ୍‌ରେ ପ୍ରବାହିତ ନୀଳନଦୀର ଅବବାହିକା ଅଞ୍ଚଳ ପୃଥିବୀର ବୃହତ୍ତମ ।*

**ତୁମପାଇଁ କାମ-**

*ଭାରତରେ କେଉଁନଦୀର ଅବବାହିକା ଅଞ୍ଚଳ ସବୁଠାରୁ ବଡ଼ ତାହା ବାହାର କରି ଲେଖ ।*

ଭାରତ ଏକ ନଦୀମାତୃକା ଦେଶ । ଏହାର ଭୌତିକ ଲକ୍ଷଣ ପ୍ରବାହିତ ନଦୀବ୍ୟବସ୍ଥାକୁ ନିୟନ୍ତ୍ରଣ କରୁଅଛି । ତଦନୁଯାୟୀ ଭାରତର ନଦୀଗୁଡ଼ିକୁ ଦୁଇଭାଗରେ କରାଯାଇଛି; ଯଥା : ହିମାଳୟରୁ ବାହାରିଥିବା ନଦୀ ଓ ଉପଦ୍ୱୀପିୟ ନଦୀ ।

କେବଳ ଦୁଇଟି ଭିନ୍ନଭିନ୍ନ ଉତ୍ପତ୍ତିସ୍ଥଳ ବ୍ୟତୀତ ନଦୀଗୁଡ଼ିକ ମଧ୍ୟରେ ଅନେକ ପାର୍ଥକ୍ୟ ରହିଅଛି । ହିମାଳୟରୁ ବାହାରିଥିବା ଅଧିକାଂଶ ନଦୀ ଚିରସ୍ରୋତା ଅର୍ଥାତ୍ ବର୍ଷସାରା ନଦୀରେ ଜଳପ୍ରବାହିତ ହେଉଥାଏ । ବୃଷ୍ଟିପାତ ବ୍ୟତୀତ ଏହି ନଦୀଗୁଡ଼ିକ ସୁଉଚ୍ଚ ହିମାଳୟ ପର୍ବତ ଉପରିସ୍ଥ ବରଫ ତରଳିବା ଯୋଗୁଁ ଗ୍ରୀଷ୍ମକାଳରେ ଏହି ନଦୀଗଡ଼ିକରେ ମଧ୍ୟ ଜଳପ୍ରବାହରେ ବିଶେଷଭାବେ ହ୍ରାସ ହୁଏ ନାହିଁ । ତେଣୁ ଏଗୁଡ଼ିକ ସୁନାବ୍ୟ ।

ହିମାଳୟ ଅସାଧାରଣ ଉଚ୍ଚତା ବିଶିଷ୍ଟ ହେଲେ ମଧ୍ୟ ସଂପୂର୍ଣ୍ଣ ରୂପେ ଜଳ ବିଭାଜକ ନୁହେଁ । ମାନଚିତ୍ର ଦେଖିଲେ

ଜଣାଯିବ ଯେ, ତିନିଗୋଟି ବଡ଼ନଦୀ ହିମାଳୟର ଅପରପାର୍ଶ୍ୱ ଜଳଗ୍ରହଣ କ୍ଷେତ୍ରରୁ ଜଳସଂଗ୍ରହ କରିଥାନ୍ତି । ତେଣୁ ଏଗୁଡ଼ିକୁ ହିମାଳୟ ଅପରପାର୍ଶ୍ୱସ୍ଥ ନଦୀ କୁହାଯାଏ । (Trans Himalayan Rivers) । ହିମାଳୟ ଭଳି ଏକ ଅସାଧାରଣ ଉଚ୍ଚତା ବିଶିଷ୍ଟ ପର୍ବତ ଶ୍ରେଣୀର ଅବରୋଧକୁ ମଧ୍ୟ ଏମାନେ ଅତିକ୍ରମ କରି ପାରିଛନ୍ତି । ନଦୀଗୁଡ଼ିକ ଗଭୀର ଉପତ୍ୟକା, କେନିୟନ ଓ ନଦୀ ଖାତ ଦ୍ୱାରା ଏହାକୁ ଅତିକ୍ରମ କରିଛନ୍ତି ।

**ତୁମେ ଜାଣିଛ କି :**

- ***ଇଂରାଜୀ ଅକ୍ଷର 'I' ଆକାରର ଗଭୀର ଉପତ୍ୟକା ଯେଉଁଠି ନଦୀର ଦୁଇକୂଳ କାନ୍ଥଭଳି ଦଣ୍ଡାୟମାନ ତାହାକୁ କେନିୟନ କୁହାଯାଏ ।***
- ***ସେହିଭଳି ନଦୀ ଉପତ୍ୟକାର ଆକାର ଯଦି ଇଂରାଜୀ ଅକ୍ଷର 'V' ଭଳି ହୋଇଥାଏ ତେବେ ଏହାକୁ 'V' ଉପତ୍ୟକା ବା ନଦୀଖାତ କୁହାଯାଏ ।***


ଭୂତତ୍ତ୍ୱବିତ୍‌ମାନଙ୍କ ମତାନୁଯାୟୀ ହିମାଳୟରୁ ବାହାରିଥିବା ଏହି ନଦୀଗୁଡ଼ିକ ହିମାଳୟ ପର୍ବତଠାରୁ ମଧ୍ୟ ପୁରାତନ, ଯେତେବେଳେ ହିମାଳୟ ପର୍ବତ ଉପରକୁ ଉଠୁଥିଲା ସେତେବେଳେ ଏହି ନଦୀଗୁଡ଼ିକ ନିଜ ନିଜର ନଦୀଶଯ୍ୟା ଖନନ କରି ଚାଲିଥିଲେ । ଏଥିଯୋଗୁ ଆଜି ଏଗୁଡ଼ିକର ଗତିପଥରେ ନଦୀଖାତ, ଗଣ୍ଡ ଏବଂ ଗଭୀର ଉପତ୍ୟକା ଦେଖିବାକୁ ମିଳୁଛି ।

ହିମାଳୟରୁ ବାହାରିଥିବା ନଦୀଗୁଡ଼ିକର ଗତିପଥ ସୁଦୀର୍ଘ । ନଗ୍ନୀଭବନ ପ୍ରକ୍ରିୟା ଦ୍ୱାରା ସେମାନେ ପାର୍ବତ୍ୟଶଯ୍ୟାରୁ ବହୁଳ ପରିମାଣରେ ପଥରଖଣ୍ଡ, ବାଲିଗରଡ଼ା ଓ ପଟୁ ଇତ୍ୟାଦି ପରିବହନ କରି ଆଣନ୍ତି । ମଧ୍ୟଶଯ୍ୟାରେ ଏହି ନଦୀଗୁଡ଼ିକ ନଦୀବାଙ୍କ, ଅଶ୍ୱଖୁରାକୃତି ହ୍ରଦ, ପ୍ଲାବନଭୂମି ଆଦି ସୃଷ୍ଟି କରିଥାନ୍ତି । ଗଙ୍ଗା ବ୍ରହ୍ମପୁତ୍ର ନଦୀଦ୍ୱୟ ନିମ୍ନଶଯ୍ୟାରେ ପୃଥିବୀର ସର୍ବବୃହତ ତ୍ରିକୋଣଭୂମି ଗଠନ କରିଛନ୍ତି ।

## ନଦୀ ବିନ୍ୟାସ :


ଅବବାହିକା ଅଞ୍ଚଳର ଢାଲୁ, ଶିଳା ଏବଂ ଜଳବାୟୁ ଅନୁସାରେ ନଦୀଗୁଡ଼ିକ ବିଭିନ୍ନ ପ୍ରକାର ଢାଞ୍ଚାରେ (Pattern) ପ୍ରବାହିତ ହୋଇଥାନ୍ତି । ଏପରି ଢାଞ୍ଚାକୁ ନଦୀ ବିନ୍ୟାସ କୁହାଯାଏ । ସାଧାରଣତଃ ନଦୀବିନ୍ୟାସ ୪ ପ୍ରକାରର । (୧) ବୃକ୍ଷାକୃତି (୨) ସମାନ୍ତରାଳ (୩) ଛତ୍ରାକୃତି (୪) ଆୟତାକୃତି ।

**(୧) ବୃକ୍ଷାକୃତି ନଦୀବିନ୍ୟାସ (Dendridic Pattern) :** ଯେତେବେଳେ ନଦୀ ଓ ତା'ର ସମସ୍ତ ଉପନଦୀ ଏକ ବୃକ୍ଷଭଳି ଦେଖାଯାଆନ୍ତି ତାହାକୁ ବୃକ୍ଷାକୃତି ନଦୀବିନ୍ୟାସ କୁହାଯାଏ ।





ଚିତ୍ର : 7 ବୃକ୍ଷାକୃତି ନଦୀବିନ୍ୟାସ

**(୨) ସମାନ୍ତରାଳ ନଦୀବିନ୍ୟାସ :** ଉପନଦୀଗୁଡ଼ିକ ମୁଖ୍ୟନଦୀ ସହିତ ପ୍ରାୟ ସମାନ୍ତରାଳ ଭାବେ ମିଳିତ ହେଲେ ସମାନ୍ତରାଳ ନଦୀବିନ୍ୟାସ ସୃଷ୍ଟିହୁଏ । ଏଭଳି ନଦୀବିନ୍ୟାସ ସାଧାରଣତଃ କଠିନ ଓ ନରମ ଶିଳା ପରସ୍ପର ସହିତ ସମାନ୍ତର ଭାବରେ ଥିଲେ ସୃଷ୍ଟି ହୋଇଥାଏ ।




ଚିତ୍ର : 8 ସମାନ୍ତରାଳ ନଦୀବିନ୍ୟାସ

**(୩) ଛତ୍ରାକୃତି ନଦୀବିନ୍ୟାସ :** ନଦୀଗୁଡ଼ିକ ଗୋଟିଏ ଗମ୍ବୁଜାକାର ଉଚ୍ଚଭୂମିରୁ ସବୁଦିଗରେ ପ୍ରବାହିତ ହେଲେ ଛତ୍ରାକୃତି ନଦୀବିନ୍ୟାସ ସୃଷ୍ଟି ହୁଏ ।



ଚିତ୍ର : ୨ ଛତ୍ରାକୃତି ନଦୀବିନ୍ୟାସ

**(୪) ଆୟତାକୃତି ନଦୀବିନ୍ୟାସ :** ସାଧାରଣତଃ ପଥୁରିଆ ଅଞ୍ଚଳରେ ଯେଉଁଠି ଶିଳାଗୁଡ଼ିକ ପରସ୍ପର ସହିତ ଖୁବ୍ ନିବିଡ଼ ଭାବରେ ଯୋଡ଼ିହୋଇଥାଆନ୍ତି ସେଠାରେ ଆୟତାକୃତି ନଦୀବିନ୍ୟାସ ଦେଖାଯାଏ ।




ଚିତ୍ର : 10 ଆୟତାକୃତି ନଦୀବିନ୍ୟାସ

## ନଦୀଦ୍ୱାରା ସୃଷ୍ଟ କେତେକ ଭୂମିରୂପ

ଉପଦ୍ୱୀପୀୟ ନଦୀମାନଙ୍କ ମଧ୍ୟରୁ ଅଧିକାଂଶରେ ଋତୁକାଳୀନ ପ୍ରବାହ ପରିଲକ୍ଷିତ ହୁଏ କାରଣ ଏଗୁଡ଼ିକ ବୃଷ୍ଟିପୁଷ୍ଟ । ବର୍ଷାଦିନେ ନଦୀରେ ଅଧିକ ଜଳପ୍ରବାହିତ ହୁଏ; ମାତ୍ର ଗ୍ରୀଷ୍ମଋତୁରେ ପ୍ରବାହ କ୍ଷୀଣ ହୋଇ ଶୁଷ୍କ ଧାରଟିରେ ହିଁ ସୀମିତ ରହିଯାଏ । ଫଳତଃ ଏହି ନଦୀଗୁଡ଼ିକ ବର୍ଷସାରା ସୁନାବ୍ୟା ନୁହଁନ୍ତି ।

ଉତ୍ତରଭାରତ ନଦୀଗୁଡ଼ିକ ତୁଳନାରେ ଏଗୁଡ଼ିକ କମ୍ ଦୈର୍ଘ୍ୟ ବିଶିଷ୍ଟ ଏବଂ ଏମାନଙ୍କର ଶଯ୍ୟା ମଧ୍ୟ ଅଗଭୀର । କେତେକ ଉପଦ୍ୱୀପୀୟ ନଦୀ ମଧ୍ୟ ମାଳଭୂମି ଏବଂ ଅନ୍ୟଗୁଡ଼ିକ ପଶ୍ଚିମଘାଟ ପର୍ବତମାଳାରୁ ଉତ୍ପତ୍ତିଲାଭ କରି ବଙ୍ଗୋପସାଗରରେ ପଡ଼ିଛନ୍ତି । କେବଳ ମାତ୍ର ଦୁଇଟି ନଦୀ ଆରବସାଗରରେ ପଡ଼ିଛନ୍ତି ।



ଚିତ୍ର : 11
ନଦୀ ଦ୍ୱାରା ସୃଷ୍ଟ ଭୂମିରୂପ

**ତୁମପାଇଁ କାମ :**


***କେଉଁ ଦୁଇଟି ବଡ଼ ନଦୀ ଆରବସାଗରରେ ପଡ଼ିଛନ୍ତି ସେଗୁଡ଼ିକର ନାମ ଲେଖ ।***

### ହିମାଳୟରୁ ବାହାରିଥିବା ନଦୀ ସମୂହ :

ହିମାଳୟରୁ ବାହାରିଥିବା ନଦୀ ବା ଉତ୍ତର ଭାରତର ନଦୀଗୁଡ଼ିକ ମଧ୍ୟରେ ତିନୋଟି ନଦୀ ମୁଖ୍ୟ । ସେଗୁଡ଼ିକ ହେଲା ସିନ୍ଧୁ, ଗଙ୍ଗା ଓ ବ୍ରହ୍ମପୁତ୍ର । ଏମାନେ ଖୁବ ଦୀର୍ଘ ଏବଂ ଅନେକଗୁଡ଼ିଏ ଉପନଦୀ ଏଗୁଡ଼ିକରେ ମିଶିଛନ୍ତି । ଗୋଟିଏ ମୁଖ୍ୟନଦୀ ଓ ତା'ର ସମସ୍ତ ଉପନଦୀ ମିଶି ଏକ ନଦୀ ତନ୍ତ୍ର (River System) ସୃଷ୍ଟି କରିଥାନ୍ତି ।

### ସିନ୍ଧୁନଦୀ :

ସିନ୍ଧୁନଦୀ ତିବ୍ବତରେ ଅବସ୍ଥିତ ମାନସରୋବର ହ୍ରଦରୁ ଉତ୍ପତ୍ତିଲାଭ କରିଅଛି । ଏହା ପଶ୍ଚିମଦିଗରେ ପ୍ରବାହିତ ହୋଇ ଜାମ୍ମୁ ଓ କାଶ୍ମୀର ରାଜ୍ୟର ଲଦାଖ ଜିଲ୍ଲା ଦେଇ ଭାରତରେ ପ୍ରବେଶ କରିଛି । ଏହି ଅଞ୍ଚଳରେ ସିନ୍ଧୁନଦୀ ଦ୍ୱାରା ଏକ ମନୋରମ ନଦୀଖାତ ସୃଷ୍ଟି ହୋଇଅଛି । ଅନେକଗୁଡ଼ିଏ ଉପନଦୀ ଯଥା : ଜାସ୍କାର, ନୁବ୍ରା ଏବଂ ହୁଞ୍ଜା କାଶ୍ମୀର ଅଞ୍ଚଳରେ ମିଳିତ ହୋଇଛନ୍ତି । ଝେଲମ୍,




ମାନଚିତ୍ର 2.1

ଚେନାବ୍, ରାବି, ବେୟାସ ଓ ସତ୍‌ଲେଜ୍ ପରସ୍ପର ସହ ମିଳିତ ହୋଇ ସିନ୍ଧୁନଦୀ ସହିତ ପାକିସ୍ତାନର ମିଥାନକୋଟଠାରେ ମିଶିଛନ୍ତି । ଏହାପରେ ସିନ୍ଧୁନଦୀ ଦକ୍ଷିଣଦିଗରେ ପ୍ରବାହିତ ହୋଇ କରାଚୀର ପୂର୍ବଦିଗରେ ଆରବସାଗରରେ ପଡ଼ିଅଛି । ସିନ୍ଧୁନଦୀ ସମତଳଭୂମିର ଢାଲୁ ଅତ୍ୟନ୍ତ ମନ୍ଦ । ପ୍ରାୟ ୨୯୦୦ କି.ମି. ଦୈର୍ଘ୍ୟ ବିଶିଷ୍ଟ

ସିନ୍ଧୁନଦୀ ପୃଥିବୀର ଦୀର୍ଘତମ ନଦୀଗୁଡ଼ିକ ମଧ୍ୟରୁ ଅନ୍ୟତମ । ସିନ୍ଧୁନଦୀ ଅବବାହିକା କ୍ଷେତ୍ରଫଳର ଏକ ତୃତୀୟାଂଶରୁ ସାମାନ୍ୟ ଅଧିକ ଭାରତର ଜାମ୍ମୁ ଓ କାଶ୍ମୀର, ହିମାଚଳ ପ୍ରଦେଶ, ପଞ୍ଜାବ ମଧ୍ୟରେ ସୀମିତ ଥିବାବେଳେ ଅବଶିଷ୍ଟାଂଶ ପାକିସ୍ତାନର ଅନ୍ତର୍ଗତ ।

**ତୁମେ ଜାଣିଛ କି ?**

***ସିନ୍ଧୁନଦୀ ଜଳ ଚୁକ୍ତି ଅନୁସାରେ ଭାରତ ଏହାର କେବଳ ୨୦ ପ୍ରତିଶତ ଜଳ ବ୍ୟବହାର କରିପାରିବ ଏହି ଜଳ ପଞ୍ଜାବ, ହରିୟାଣା ଏବଂ ରାଜସ୍ଥାନର ଦ.ପ. ଅଞ୍ଚଳରେ ବ୍ୟବହାର ହେଉଅଛି ।***

## ଗଙ୍ଗାନଦୀ :

ଉତ୍ପତ୍ତିସ୍ଥଳରେ ଗଙ୍ଗାନଦୀର ନାମ ଭାଗିରଥୀ । ଗୋମୁଖ ନାମକ ସ୍ଥାନରେ ଗଙ୍ଗୋତ୍ରୀ ତୁଷାରସ୍ରୋତରୁ ଉତ୍ପତ୍ତିଲାଭ କରିଅଛି । ଦେବପ୍ରୟାଗଠାରେ ଅଳକାନନ୍ଦା ଏହାସହିତ ମିଳିତ ହୋଇଛି । ଏହି ଦୁଇନଦୀ ମିଳିତ ହୋଇ ଗଙ୍ଗାନଦୀ ନାମରେ ବନ୍ଧୁର ଶଯ୍ୟା ଅତିକ୍ରମ କରି ହରିଦ୍ୱାରଠାରେ ସମତଳ ଶଯ୍ୟାରେ ପ୍ରବେଶ କରିଅଛି ।

ହିମାଳୟରୁ ନିର୍ଗତ ଅନେକ ଉପନଦୀ ଗଙ୍ଗା ନଦୀ ସହ ମିଳିତ ହୋଇଛନ୍ତି । ଏହି ଉପନଦୀମାନଙ୍କ ମଧ୍ୟରୁ ଯମୁନା, ଘାଗରା, ଗଣ୍ଡକ ଏବଂ କୋଶୀ ପ୍ରଧାନ । ଯମୁନା ନଦୀ ହିମାଳୟସ୍ଥିତ ଯମୁନୋତ୍ରୀ ହିମବାହରୁ ଉତ୍ପତ୍ତିଲାଭ କରିଅଛି । ଏହା ଗଙ୍ଗାନଦୀ ସହ ପ୍ରାୟ ସମାନ୍ତରାଳ ଭାବରେ ଗତିକରି ଗଙ୍ଗାର ଦକ୍ଷିଣ ତଟରେ ଆଲ୍ଲାହାବାଦଠାରେ ମିଳିତ ହୋଇଛି । ଏହି ମିଳନ ସ୍ଥଳକୁ ସଙ୍ଗମ କୁହାଯାଏ । ଏହା ଏକ ପୁଣ୍ୟ ତୀର୍ଥସ୍ଥଳୀ । ଅନ୍ତଃସଲିଳା ସରସ୍ୱତୀ ନଦୀ ମଧ୍ୟ ଏହି ସଙ୍ଗମସ୍ଥଳୀରେ ମିଶିଥିବାରୁ ଏହାକୁ ତ୍ରିବେଣୀ ମଧ୍ୟ କହନ୍ତି । ଘାଗରା, ଗଣ୍ଡକ ଏବଂ କୋଶୀ ନେପାଳସ୍ଥିତ ହିମାଳୟରୁ ବାହାରି ଗଙ୍ଗାର ବାମକୂଳରେ ମିଶିଛନ୍ତି । ଏହି ସମସ୍ତ ନଦୀ ଉତ୍ତରସ୍ଥ ସମତଳ ଭୂମିକୁ ବନ୍ୟାପ୍ଲାବିତ କରି ଅଶେଷ ଧନଜୀବନ ନଷ୍ଟ କରିଥାନ୍ତି । ମାତ୍ର ଏହାଦ୍ୱାରା ପ୍ରତିବର୍ଷ ପଟୁମାଟି ପଡ଼ି ଜମି ଉର୍ବର ହେବାଦ୍ୱାରା ସଘନକୃଷି ପାଇଁ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହୁଏ । ହଜାର ହଜାର ବର୍ଷ ଧରି ଏହି ନଦୀଗୁଡ଼ିକ ପଟୁମାଟି ଜମାକରି ଆସୁଥିବାରୁ ଏହା ପୃଥିବୀର ଏକ ବୃହତ୍ ସମତଳ ଓ ଜନାକୀର୍ଣ୍ଣ ଅଞ୍ଚଳରେ ପରିଣତ ହୋଇଅଛି । ଭାରତୀୟ ଉପଦ୍ୱୀପରୁ ଉତ୍ପତ୍ତି ଲାଭ କରିଥିବା ଚମ୍ବଲ, ବେତଓ୍ୱା ସୋନ୍ ଆଦି ଅଳ୍ପ ଦୈର୍ଘ୍ୟବିଶିଷ୍ଟ ନଦୀ ଅପେକ୍ଷାକୃତ କମ୍ ବୃଷ୍ଟି ପାଉଥିବା ଅଞ୍ଚଳରୁ ବାହାରି ଗଙ୍ଗାନଦୀ ସହିତ ଦକ୍ଷିଣପଟେ ମିଶିଥିଲେ ମଧ୍ୟ ଅଧିକ ଜଳ ଯୋଗାଇ ନଥାନ୍ତି ।

ବାମ ଓ ଦକ୍ଷିଣତୀରରୁ ଆସି ମିଶିଥିବା ଉପନଦୀ ଗୁଡ଼ିକର ଜଳ ଯୋଗାଣ ଦ୍ୱାରା ଅଧିକ ଜଳ ଧାରଣକରି ଗଙ୍ଗାନଦୀ ପୂର୍ବଦିଗରେ ଉତ୍ତରପ୍ରଦେଶ ଓ ବିହାର ମଧ୍ୟଦେଇ ପଶ୍ଚିମବଙ୍ଗର ଫାରକ୍କା ପର୍ଯ୍ୟନ୍ତ ବହିଲା ପରେ ଏହିଠାରୁ ଦୁଇଭାଗରେ ବିଭକ୍ତ ହୋଇଅଛି । ଗୋଟିଏ ଭାଗ ଭାଗୀରଥି -ହୁଗୁଲି ନାମରେ ଦକ୍ଷିଣଦିଗରେ ବଙ୍ଗୋପସାଗର ଉପକୂଳବର୍ତ୍ତୀ ତ୍ରିକୋଣଭୂମି ଅଞ୍ଚଳରେ ପ୍ରବାହିତ ହେଉଅଛି । ମୁଖ୍ୟନଦୀ ତା'ର ଗତିପଥ ନ ବଦଳାଇ ବାଂଲାଦେଶ ମଧ୍ୟକୁ ପ୍ରବାହିତ ହେବାପରେ ଅନ୍ୟଦିଗରୁ ଆସୁଥିବା ବ୍ରହ୍ମପୁତ୍ର ନଦୀ ସହ ମିଳିତ ହୋଇ ମେଘନା ନାମରେ ବଙ୍ଗୋପସାଗରରେ ପଡ଼ିଛି । ଫାରକ୍କାଠାରୁ ଗାଙ୍ଗେୟ ତ୍ରିକୋଣଭୂମି ଆରମ୍ଭ ହୋଇଛି । ଗଙ୍ଗା ଓ ବ୍ରହ୍ମପୁତ୍ର ନଦୀଦ୍ୱୟ ଦ୍ୱାରା ସୃଷ୍ଟ ପୃଥିବୀର ବୃହତ୍ତମ ତ୍ରିକୋଣଭୂମିର ନାମ ସୁନ୍ଦରବନ ଓ ଏହାର ଅଧିକଭାଗ ବାଂଲାଦେଶରେ ଅବସ୍ଥିତ ।

**ତୁମେ ଜାଣିଛ କି ?**

***ସୁନ୍ଦରବନ ତ୍ରିକୋଣଭୂମିର ନାମ ଏପରି ହେବାର କାରଣ ହେଲା ଏଠାକାର ସନ୍ତସନ୍ତିଆ ଓ ଲୁଆରିଆ ଅଞ୍ଚଳରେ ଜନ୍ମୁଥିବା ସୁନ୍ଦରୀ ବୃକ୍ଷ । ଏହା ପୃଥିବୀର ସର୍ବବୃହତ ଓ ସବୁଠାରୁ ଅଧିକ ହାରରେ ବୃଦ୍ଧି ପାଉଥିବା ତ୍ରିକୋଣଭୂମି । ଏହି ସୁନ୍ଦରବନ ମଧ୍ୟ ମହାବଳ ବାଘ (Royal Bengal Tiger)ର ବାସସ୍ଥଳୀ ।***

ଗଙ୍ଗାନଦୀର ଦୈର୍ଘ୍ୟ ପ୍ରାୟ ୨୫୦୦କି.ମି । ଏହି ନଦୀ ଭାରତରେ ପ୍ରବାହିତ ଦୀର୍ଘତମ ନଦୀ । ଗଙ୍ଗାନଦୀ କୂଳରେ ଗଢ଼ି ଉଠିଥିବା ଶିଳ୍ପଦ୍ୱାରା ଏହାର ଜଳ ପ୍ରଦୂଷିତ ହେଉଥିବାରୁ ଏହାକୁ ପରିଷ୍କାର ରଖିବା ପାଇଁ ଭାରତ ସରକାର ଉଦ୍ୟମ ଜାରି ରଖିଛନ୍ତି ।

## ବ୍ରହ୍ମପୁତ୍ର ନଦୀ :

ବ୍ରହ୍ମପୁତ୍ର ନଦୀ ତିବ୍ବତର ମାନସରୋବରହ୍ରଦର ପୂର୍ବଦିଗରେ ସିନ୍ଧୁ ଓ ସତଲେଜ ନଦୀର ଉତ୍ପତ୍ତିସ୍ଥଳଠାରୁ ଅନତିଦୂରରୁ ବାହାରିଅଛି । ଏହିନଦୀ ସିନ୍ଧୁନଦୀଠାରୁ ଦୈର୍ଘ୍ୟରେ ସାମାନ୍ୟ ବଡ଼ ମାତ୍ର ଏହାର ଅଧିକାଂଶ ଭାରତ ସୀମା ବାହାରେ ପ୍ରବାହିତ । ଏହା ପୂର୍ବଦିଗରେ ହିମାଳୟ ସହ ସମାନ୍ତରାଳ ଭାବେ ପ୍ରବାହିତ ହେଲାପରେ ନାମଚେ ବରୱା (୭୭୫୭ମି.) ଠାରେ ଇଂରାଜୀ ଅକ୍ଷର 'U' ଭଳି ଏକ ବାଙ୍କ ସୃଷ୍ଟି କରି ନଦୀଖାତ ମଧ୍ୟ ଦେଇ ଅରୁଣାଚଳ ପ୍ରଦେଶରେ ଭାରତକୁ ପ୍ରବେଶ କରିଛି । ଏଠାରେ ବ୍ରହ୍ମପୁତ୍ରର ନାମ ଦିହାଙ୍ଗ । ଦିବାଙ୍ଗ, ଲୋହିତ ଏବଂ କେନୁଲା ଆଦି ଏହାର ଉପନଦୀ । ବ୍ରହ୍ମପୁତ୍ରନଦୀ ଆସାମ ପ୍ରଦେଶରେ ପୂର୍ବରୁ ପଶ୍ଚିମକୁ ପ୍ରବାହିତ ହେଉଅଛି ।

> ତୁମେ ଜାଣିଛ କି ?
>
> *ବ୍ରହ୍ମପୁତ୍ର ତିବ୍ବତରେ ସାମ୍ପୋ ଏବଂ ବାଂଲାଦେଶରେ ଯମୁନା ନାମରେ ପରିଚିତ । ସେହିଭଳି ଗଙ୍ଗାନଦୀକୁ ବାଂଲାଦେଶରେ ପଦ୍ମା କୁହାଯାଏ ।*

ତିବ୍ବତ୍‌ରେ ବ୍ରହ୍ମପୁତ୍ର ନଦୀରେ ଖୁବ୍ କମ୍ ଜଳ ପ୍ରବାହିତ ହୁଏ କାରଣ ଏହା ଏକ ଥଣ୍ଡା ଏବଂ ଶୁଷ୍କ ଅଞ୍ଚଳ । ଭାରତରେ ବୃଷ୍ଟିବହୁଳ ଅଞ୍ଚଳରେ ପ୍ରବାହିତ ହେଉଥିବାରୁ ଏଥିରେ ଜଳର ପରିମାଣ ଅତ୍ୟଧିକ । ଫଳରେ ପଟୁମାଟି, ପଥରଖଣ୍ଡ, କଙ୍କର ଏବଂ ବାଲି ଆଦି ଅଧିକ ପରିମାଣରେ ବହିକରି ନେଇଥାଏ । ଗତି ମନ୍ଥର ହୋଇଥିବାରୁ ନଦୀ ଶଯ୍ୟାରେ ଅବକ୍ଷେପଣ ଅଧିକ ହୁଏ । ଫଳତଃ ମୁଖ୍ୟନଦୀରୁ ଅନେକ ଅଗଭୀର ଶାଖାନଦୀ (Distributary) ବାହାରିଥାନ୍ତି ଏବଂ ପରେ ସେଗୁଡ଼ିକ ଗୋଟିଏ ସହ ଅନ୍ୟଟି ମିଳିତ ହେଉଥିବାରୁ ନଦୀ ମଝିରେ ବଡ଼ ବଡ଼ ଦ୍ୱୀପ ସୃଷ୍ଟି ହୋଇଅଛି ।

> *ପୃଥିବୀର ସବୁଠାରୁ ବଡ଼ ନଦୀ ମଧ୍ୟସ୍ଥ ଦ୍ୱୀପର ନାମ ଜାଣ କି ? ଏହା ବ୍ରହ୍ମପୁତ୍ର ନଦୀ ମଝିରେ ଅବସ୍ଥିତ । ଏହାର ନାମ 'ମାଜୋଲି ଦ୍ୱୀପ' ।*

ପ୍ରତିବର୍ଷ ବର୍ଷା ଋତୁରେ ବ୍ରହ୍ମପୁତ୍ର ନଦୀରେ ପ୍ରବଳ ବନ୍ୟା ଆସିଥାଏ । ଫଳରେ ଆସାମ ଓ ବାଂଲାଦେଶରେ ଧନଜୀବନର ପ୍ରଭୂତ କ୍ଷତି ଘଟିଥାଏ । ଅନ୍ୟାନ୍ୟ ଉତ୍ତର ଭାରତର ନଦୀ ଭଳି ଏହାର ଶଯ୍ୟାଖନନ ନହୋଇ ଅଧିକ ମାତ୍ରାରେ ଅବକ୍ଷେପଣ ହେଉଥିବାରୁ ଶଯ୍ୟା ଅଧିକରୁ ଅଧିକ ଉଚ୍ଚା ହେବାରେ ଲାଗିଛି ଓ ନଦୀ ଅନେକ ସମୟରେ ନିଜର ଗତିପଥ ମଧ୍ୟ ବଦଳାଉଛି ।

> ତୁମ ପାଇଁ କାମ :
>
> *ବ୍ରହ୍ମପୁତ୍ର ନଦୀ କେଉଁଠାରେ ବାଂଲାଦେଶରେ ପ୍ରବେଶ କରିଛି ଜାଣିବାକୁ ଚେଷ୍ଟା କର ।*

## ଉପଦ୍ୱୀପୀୟ ନଦୀ ସମୂହ :

ପଶ୍ଚିମଘାଟ ପର୍ବତମାଳା ଉପଦ୍ୱୀପୀୟ ଭାରତର ମୁଖ୍ୟ ଜଳ ବିଭାଜକ ଅଟେ । ପଶ୍ଚିମଘାଟ ପର୍ବତମାଳା ପଶ୍ଚିମ ଉପକୂଳ ସହ ସମାନ୍ତରାଳ ଭାବରେ ଉତ୍ତର ଦକ୍ଷିଣ ଦିଗରେ ଲମ୍ବିଅଛି । ଉପଦ୍ୱୀପର ମୁଖ୍ୟନଦୀ ଗୁଡ଼ିକ ଯଥା : ମହାନଦୀ, ଗୋଦାବରୀ, କୃଷ୍ଣା ଓ କାବେରୀ ପୂର୍ବଦିଗକୁ ପ୍ରବାହିତ ହୋଇ ବଙ୍ଗୋପସାଗରରେ ପଡ଼ିଛନ୍ତି । ଏ ସମସ୍ତ ନଦୀ ସେଗୁଡ଼ିକର ମୁହାଣ ନିକଟରେ ତ୍ରିକୋଣଭୂମିମାନ ଗଠନ କରିଛନ୍ତି । ପଶ୍ଚିମଘାଟ ପର୍ବତମାଳାରୁ ପଶ୍ଚିମାଭିମୁଖୀ ଅନେକ ଛୋଟ ଛୋଟ ନଦୀ ବାହାରିଛନ୍ତି । ପଶ୍ଚିମାଭିମୁଖୀ ନର୍ମଦା ଓ ତାପ୍ତି ଦୁଇଟି ମାତ୍ର ବଡ଼ ନଦୀ । ଏଗୁଡ଼ିକର ମୁହାଣ ଜୁଆରିଆ । ଉପଦ୍ୱୀପୀୟ ନଦୀଗୁଡ଼ିକର ଅବବାହିକା ଉତ୍ତର ଭାରତୀୟ ନଦୀ ତୁଳନାରେ ଆକାରରେ ଛୋଟ ।

## ନର୍ମଦା ନଦୀ :

ନର୍ମଦାନଦୀ ମଧ୍ୟପ୍ରଦେଶର ଅମରକଣ୍ଟକ ମାଳଭୂମିରୁ ବାହାରିଛି । ଏହା ଏକ ଗ୍ରସ୍ତ ଉପତ୍ୟକା ମଧ୍ୟଦେଇ ପ୍ରବାହିତ ହେଉଅଛି । ଏହାର ଦୈର୍ଘ୍ୟ ପ୍ରାୟ ୧୩୧୨କି.ମି. ।

> ତୁମେ ଜାଣିଛ କି ?
>
> *ଶିଳାସ୍ତରରେ ଦୁଇଟି ସମାନ୍ତର ଫାଟ ସୃଷ୍ଟି ହେଲେ ଯଦି ମଧ୍ୟଭାଗଟି ଦବିଯାଏ ଏବଂ ଦୁଇ ପାର୍ଶ୍ୱର ଶିଳାସ୍ତର ସ୍ଥିର ରହେ ତେବେ ମଧ୍ୟଭାଗରେ ଯେଉଁ ନିମ୍ନଭୂମିଟି ସୃଷ୍ଟି ହୁଏ ତାହାକୁ ଗ୍ରସ୍ତ ଉପତ୍ୟକା କୁହାଯାଏ । ବିନ୍ଧ୍ୟ ଓ ସାତପୁରା ପର୍ବତଶ୍ରେଣୀର ମଧ୍ୟ ଅଂଶ ଏପରି ଏକ ଉପତ୍ୟକା ।*



PL-02/15/11/2016

ସମୁଦ୍ରକୁ ପ୍ରବାହିତ ହେଲାବେଳେ ନର୍ମଦା ନଦୀ ଗତିପଥରେ ଅନେକ ରମଣୀୟ ସ୍ଥାନ ସୃଷ୍ଟି ହୋଇଛି । ଜବଲପୁର ନିକଟସ୍ଥ ମାର୍ବଲ ଶିଳା ଅଞ୍ଚଳରେ ନର୍ମଦା ଏକ ଗଭୀର ଖାତ ସୃଷ୍ଟି କରିଛି । ନର୍ମଦାନଦୀ ଖୁବ୍ ଉଚ୍ଚରୁ ତଳକୁ ପ୍ରବାହିତ ହେଲାବେଳେ ଧୂଆଁଧାରଠାରେ ଏକ ମନୋରମ ଜଳପ୍ରପାତ ସୃଷ୍ଟି କରିଛି । ନର୍ମଦାନଦୀର ଉପନଦୀଗୁଡ଼ିକର ଦୈର୍ଘ୍ୟ ଖୁବ୍ କମ୍ ଏବଂ ସେଗୁଡ଼ିକ ପ୍ରାୟ ସମକୋଣରେ ନର୍ମଦା ସହିତ ମିଳିତ ହୋଇଛନ୍ତି ।

ନର୍ମଦାନଦୀର ଅବବାହିକା ଅଞ୍ଚଳ ମହାରାଷ୍ଟ୍ର, ଗୁଜରାଟ ଏବଂ ମଧ୍ୟପ୍ରଦେଶ ରାଜ୍ୟର କେତେକାଞ୍ଚଳରେ ବିସ୍ତୃତ ।

### ତାପ୍ତିନଦୀ :

ତାପ୍ତିନଦୀ ମଧ୍ୟପ୍ରଦେଶର ବେତୁଲ ଜିଲ୍ଲାସ୍ଥିତ ସାତପୁରା ପର୍ବତଶ୍ରେଣୀରୁ ଉତ୍ପତ୍ତିଲାଭ କରିଅଛି । ଏହି ନଦୀ ମଧ ଏକ ଗ୍ରସ୍ତ ଉପତ୍ୟକା ମଧଦେଇ ନର୍ମଦାନଦୀ ସହ ସମାନ୍ତରାଳ ଭାବରେ ପ୍ରବାହିତ ହେଉଅଛି । ଦୈର୍ଘ୍ୟରେ ଏହି ନଦୀ ନର୍ମଦାଠାରୁ ଯଥେଷ୍ଟ ଛୋଟ । ପଶ୍ଚିମାଭିମୁଖୀ ନଦୀଗୁଡ଼ିକ ମଧ୍ୟରେ ସାବରମତୀ, ମାହୀ ଏବଂ ପେରିୟାର ଆଦି ପ୍ରଧାନ ।

> **ତୁମ ପାଇଁ କାମ :**
>
> ***ଉପରଲିଖିତ ନଦୀଗୁଡ଼ିକ କେଉଁ କେଉଁ ରାଜ୍ୟରେ ପ୍ରବାହିତ ହେଉଛନ୍ତି ବାହାରକର ଏବଂ ଲେଖିରଖ ।***

### ଗୋଦାବରୀ ନଦୀ :

ଉପଦ୍ୱୀପୀୟ ନଦୀମାନଙ୍କ ମଧ୍ୟରେ ଗୋଦାବରୀ ଦୀର୍ଘତମ ଏବଂ ଭାରତର ଦ୍ୱିତୀୟ ବୃହତ୍ତମ ନଦୀ । ଏହି ନଦୀ ମହାରାଷ୍ଟ୍ରର ନାସିକ ଜିଲ୍ଲାସ୍ଥିତ ପଶ୍ଚିମଘାଟ ପର୍ବତମାଳାର ପୂର୍ବପଟଢାଲୁରୁ ବାହାରିଅଛି । ଗୋଦାବରୀର ଦୈର୍ଘ୍ୟ ପ୍ରାୟ ୧୪୫୦ କି.ମି. । ଏହା ବଙ୍ଗୋପସାଗରରେ ପଡ଼ିଅଛି । ଗୋଦାବରୀ ନଦୀ ଅବବାହିକା ଉପଦ୍ୱୀପୀୟ ନଦୀ ମଧ୍ୟରେ ସବୁଠାରୁ ବଡ଼ । ଏହାର ଅବବାହିକା ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଓଡ଼ିଶା ଓ ଆନ୍ଧ୍ରପ୍ରଦେଶରେ ରହିଅଛି । ପ୍ରାୟ ୫୦ ପ୍ରତିଶତ ଅବବାହିକା ଅଞ୍ଚଳ କେବଳ ମହାରାଷ୍ଟ୍ରରେ ବିସ୍ତୃତ । ଗୋଦାବରୀର ମୁଖ୍ୟ ଉପନଦୀଗୁଡ଼ିକ ହେଲା ପୂର୍ଣ୍ଣା, ୱାର୍ଦ୍ଧା, ପ୍ରାଣହିତା, ଇନ୍ଦ୍ରାବତୀ, ମନ୍‌ଜରା, ଓ୍ୟାଇଗଙ୍ଗା ଏବଂ ପେନଗଙ୍ଗା । ଏହାର ଦୈର୍ଘ୍ୟ ଓ ବିସ୍ତୃତି ଦୃଷ୍ଟିରୁ ଗୋଦାବରୀକୁ "ଦକ୍ଷିଣଗଙ୍ଗା" ବୋଲି କୁହାଯାଏ ।

### କୃଷ୍ଣାନଦୀ :

ମହାରାଷ୍ଟ୍ରର ମହାବଳେଶ୍ୱର ନିକଟସ୍ଥ ଏକ ଝରଣାରୁ ବାହାରି କୃଷ୍ଣାନଦୀ ପ୍ରାୟ ୧୩୦୦ କି.ମି. ଗତି କଲାପରେ ବଙ୍ଗୋପସାଗରରେ ପଡ଼ିଅଛି । ତୁଙ୍ଗଭଦ୍ରା, କୋୟନା, ଘଟପ୍ରଭା, ମୁଷି ଏବଂ ଭୀମା ଏହାର କେତେକ ମୁଖ୍ୟ ଉପନଦୀ । ମହାରାଷ୍ଟ୍ର, କର୍ଣ୍ଣାଟକ ଏବଂ ଆନ୍ଧ୍ରପ୍ରଦେଶରେ ଏହାର ଅବବାହିକା ଅଞ୍ଚଳ ବିସ୍ତୃତ । ନାଗାର୍ଜୁନସାଗର ଡ୍ୟାମ୍ କୃଷ୍ଣାନଦୀ ଉପରେ ନିର୍ମିତ ।

### କାବେରୀ ନଦୀ :

ପଶ୍ଚିମଘାଟ ପର୍ବତମାଳାର ବ୍ରହ୍ମଗିରି ପାର୍ବତ୍ୟାଞ୍ଚଳରୁ ବାହାରି ତାମିଲନାଡୁର କୁଡ଼ାଲୁରଠାରେ ବଙ୍ଗୋପସାଗରରେ ପଡ଼ିଅଛି । ଏହି ନଦୀର ଦୈର୍ଘ୍ୟ ପ୍ରାୟ ୭୬୫କି.ମି. । ଏହାର ମୁଖ୍ୟ ଉପନଦୀଗୁଡ଼ିକ ମଧ୍ୟରେ ଅମରାବତୀ, ଭବାନୀ, ହେମାବତୀ ଏବଂ କାବିନୀର ନାମ ଉଲ୍ଲେଖଯୋଗ୍ୟ । କର୍ଣ୍ଣାଟକର କିଛି ଅଂଶ, କେରଳ ଓ ତାମିଲନାଡୁରେ ଏହାର ଅବବାହିକା ଅବସ୍ଥିତ । ମେଟୁରଠାରେ ଏହି ନଦୀ ଉପରେ ଏକ ଜଳଭଣ୍ଡାର ସୃଷ୍ଟି କରାଯାଇଛି ।

> **ତୁମେ ଜାଣିଛ କି ?**
>
> ***କାବେରୀ ନଦୀ ଶଯ୍ୟାରେ ଅବସ୍ଥିତ ଶିବସମୁଦ୍ରମ୍‌ଠାରେ ଭାରତର ଦ୍ୱିତୀୟ ବୃହତ୍ତମ ଜଳପ୍ରପାତ ସୃଷ୍ଟି ହୋଇଅଛି । ଏହି ଜଳପ୍ରପାତରୁ ଜଳବିଦ୍ୟୁତଶକ୍ତି ମହାରାଷ୍ଟ୍ର, ବେଙ୍ଗାଲୁରୁ ଏବଂ କୋଲାର ସୁନାଖଣି ଅଞ୍ଚଳକୁ ଯୋଗାଣ ହୋଇଥାଏ ।***

> **ତୁମ ପାଇଁ କାମ :**
>
> ***ଭାରତର ସବୁଠାରୁ ବଡ଼ ଜଳପ୍ରପାତର ନାମ କ'ଣ ?***

**ତୁମେ ଜାଣିଛ କି :**

***ପୃଥିବୀର ୭୧ ପ୍ରତିଶତ ଅଞ୍ଚଳ ଜଳଦ୍ୱାରା ଆଚ୍ଛାଦିତ ଏବଂ ୯୭% ଭାଗ ଜଳ ଲୁଣିଆ । ବାକି ୩% ମଧୁରଜଳ ମଧ୍ୟରୁ ୭୫% ବରଫ ଆକାରରେ ରହିଅଛି ।***

## ହ୍ରଦ :

କାଶ୍ମୀର ଉପତ୍ୟକାରେ ଅବସ୍ଥିତ ଶ୍ରୀନଗରର ଡାଲହ୍ରଦ, ଶିକାରା ଓ ରହିବାପାଇଁ ନୌକାଘର (House boat) ବିଷୟରେ ଜାଣିଥିବ । କେତେକ ପର୍ଯ୍ୟଟନ ସ୍ଥଳୀ ବୁଲିଯାଇଥିବ ଏବଂ ସେଠାରେ ଥିବା ହ୍ରଦରେ ନୌକାବିହାର ସନ୍ତରଣ ଏବଂ ଅନ୍ୟାନ୍ୟ ଜଳକ୍ରୀଡ଼ା ମଧ୍ୟ ଉପଭୋଗ କରିଥିବ । ଶ୍ରୀନଗର, ନୈନିତାଲ, ଉଦଗମଣ୍ଡଲମ୍, ଚିଲିକା ଆଦି ସ୍ଥାନରେ ହ୍ରଦନଥିଲେ ସେସବୁ ସ୍ଥାନର ଏତେ ଆକର୍ଷଣ ଥାନ୍ତାକି ? ତେଣୁ ହ୍ରଦର ଅବସ୍ଥିତି ଗୋଟିଏ ଜାଗାକୁ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଥାଏ । ଏହା ବ୍ୟତୀତ ମାନବ ସମାଜପାଇଁ ହ୍ରଦଗୁଡ଼ିକ ବିଭିନ୍ନ ଭାବରେ ଉପକାରରେ ଆସେ ।

**ତୁମେ ଜାଣିଛ କି ?**

***କାସ୍ପିୟାନ, ମରୁହ୍ରଦ*** (Dead Sea) ***ଏବଂ ଆରାଲହ୍ରଦ ଭଳି ବିଶାଳ ହ୍ରଦଗୁଡ଼ିକୁ ସାଗର କୁହାଯାଏ ।***

ଭାରତରେ ଅନେକ ହ୍ରଦ ଅଛି । ଏଥିରୁ କେତେକ ସ୍ଥାୟୀ ଏବଂ ଅର୍ଦ୍ଧଶୁଷ୍କ ଅଞ୍ଚଳରେ ଅନ୍ତସ୍ଥଳୀୟ ନଦୀ ଅବବାହିକାରେ ଥିବା ହ୍ରଦରେ କେବଳ ବର୍ଷାଦିନେ ପାଣି ରହେ । ହ୍ରଦଗୁଡ଼ିକ ହିମବାହ ଦ୍ୱାରା ପ୍ରବାହିତ ଜଳ, ପବନର କାର୍ଯ୍ୟ ବା ମନୁଷ୍ୟଦ୍ୱାରା ସୃଷ୍ଟି ହୋଇଥାଏ । ନଦୀବାଙ୍କ କାଳକ୍ରମେ ମୁଖ୍ୟନଦୀରୁ ଅଲଗା ହୋଇ ଅଶ୍ୱଖୁରାକୃତି ହ୍ରଦ (ଅଂଶୁପା ହ୍ରଦ) ସୃଷ୍ଟି କରିଥାଏ । ବାଲୁକାବନ୍ଧ ଦ୍ୱାରା ସମୁଦ୍ରଜଳ ସମୁଦ୍ରଠାରୁ ଅଲଗାହୋଇ ଉପହ୍ରଦ (Lagoon) ସୃଷ୍ଟି ହୁଏ । ଚିଲିକା, ପୁଲିକାଟ, କୋଲେରୁ ଏହିଭଳି କେତୋଟି ଉପହ୍ରଦ । ଅନ୍ତସ୍ଥଳୀୟ ନଦୀ ଶଯ୍ୟାରେ ସୃଷ୍ଟ ସମ୍ବର ହ୍ରଦ (ଲୁଣିଆ) ଏହାର ଏକ ଉଦାହରଣ । ଏହାର ଜଳରୁ ଲୁଣ ମରାଯାଏ ।

ହିମାଳୟ ପାର୍ବତ୍ୟାଞ୍ଚଳରେ ଅନେକ ହ୍ରଦ ଅବସ୍ଥିତ । ସେଗୁଡ଼ିକ ହିମବାହ ଦ୍ୱାରା ସୃଷ୍ଟ ଖାଲୁଆ ଅଞ୍ଚଳ । ପରବର୍ତ୍ତୀ ସମୟରେ ଏଗୁଡ଼ିକରେ ଜଳ ଭରିଯିବାରୁ ହ୍ରଦ ସୃଷ୍ଟିହୋଇଛି । ଜାମ୍ମୁ ଓ କାଶ୍ମୀରର ଉଲ୍ଲାର ହ୍ରଦ ଭୂ-ଆଲୋଡ଼ନ ଯୋଗୁ ସୃଷ୍ଟି ହୋଇଛି । ଏହା ଭାରତର ସର୍ବବୃହତ ମଧୁରଜଳପୂର୍ଣ୍ଣ ହ୍ରଦ । ଡାଲହ୍ରଦ, ନୈନିତାଲ (ଉତ୍ତରାଖଣ୍ଡ), ଲୋକଟକ୍ (ମଣିପୁର) ଏବଂ ବରାପାଣି (ମେଘାଳୟ) ହ୍ରଦ ଅନ୍ୟ କେତୋଟି ମଧୁରଜଳ ବିଶିଷ୍ଟ ହ୍ରଦ ।

ପ୍ରାକୃତିକ ହ୍ରଦ ବ୍ୟତୀତ ନଦୀ ଶଯ୍ୟାରେ ନଦୀବନ୍ଧ ନିର୍ମାଣକରି ଜଳବିଦ୍ୟୁତଶକ୍ତି ଉତ୍ପାଦନ ଉଦ୍ଦେଶ୍ୟରେ ହ୍ରଦ ସୃଷ୍ଟି କରାଯାଇଥାଏ । ଗୁରୁଗୋବିନ୍ଦ ସାଗର (ଭାକ୍ରାନଙ୍ଗଲ ନଦୀବନ୍ଧ ଯୋଜନା) ସତଲେଜ୍ ନଦୀ ଶଯ୍ୟାରେ ଅବସ୍ଥିତ ।

ହ୍ରଦଗୁଡ଼ିକ ମନୁଷ୍ୟର ଅନେକ ଉପକାର କରିଥାନ୍ତି । ହ୍ରଦଗୁଡ଼ିକ ଜଳପ୍ରବାହର ନିୟନ୍ତ୍ରଣରେ ସାହାଯ୍ୟ କରିଥାନ୍ତି । ଅଧିକ ବୃଷ୍ଟିପାତ ସମୟରେ ଏହା ବୃଷ୍ଟିଜଳ ସଂଗ୍ରହ କରି ବନ୍ୟା ହେବାକୁ ଦିଏ ନାହିଁ । ଶୁଷ୍କ ଋତୁରେ କେନାଲ ମାଧ୍ୟମରେ ଜଳସେଚନରେ ସାହାଯ୍ୟ କରେ । ଜଳବିଦ୍ୟୁତଶକ୍ତି ଉତ୍ପାଦନରେ ମଧ୍ୟ ସାହାଯ୍ୟ କରେ । ନିକଟବର୍ତ୍ତୀ ଅଞ୍ଚଳର ଜଳବାୟୁକୁ ସମଭାବାପନ୍ନ କରେ । ଜଳୀୟ ପରିସଂସ୍ଥା ସୃଷ୍ଟି କରେ । ପ୍ରାକୃତିକ ସୌନ୍ଦର୍ଯ୍ୟ ବୃଦ୍ଧି, ପର୍ଯ୍ୟଟନ ବିକାଶ ଏବଂ ଚିତ୍ତ ବିନୋଦନରେ ମଧ୍ୟ ସାହାଯ୍ୟ କରେ ।

## ଅର୍ଥନୀତିରେ ନଦୀଗୁଡ଼ିକର ଭୂମିକା :

ମାନବ ସଭ୍ୟତାର ଅଭ୍ୟୁଦୟ ଓ ବିକାଶରେ ନଦୀଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି । ନଦୀର ଜଳ ମନୁଷ୍ୟର ଏକ ମୌଳିକ ପ୍ରାକୃତିକ ସମ୍ବଳ ଯଦ୍ଦ୍ୱାରା ମନୁଷ୍ୟର ଅନେକ ଆବଶ୍ୟକତା ପୂରଣ ହୋଇଥାଏ । ତେଣୁ ନଦୀ କୂଳରେ ପ୍ରଥମେ ଜନବସତି ଗଢ଼ି ଉଠିଥିଲା ଏବଂ ଆଜି ସେଗୁଡ଼ିକ ବିଶାଳ ନଗରୀରେ ପରିଣତ ହୋଇଛନ୍ତି । ତେଣୁ ନଦୀ ଉପତ୍ୟକାକୁ ସଭ୍ୟତାର ଏକ୍ରୁଡ଼ିଶାଳ ବୋଲି କୁହାଯାଏ । (River Valleys are the cradles of civilisation).

> **ତୁମପାଇଁ କାମ :**
>
> ***ତୁମରାଜ୍ୟର ନଦୀକୂଳରେ ଗଢ଼ି ଉଠିଥିବା ସହର ଓ ନଦୀଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କର ।***

ନଦୀଗୁଡ଼ିକୁ ଜଳସେଚନ, ନୌପରିବହନ, ନୌକାବିହାର, ନୌଚାଳନ, ଜଳ ବିଦ୍ୟୁତଶକ୍ତି ଉତ୍ପାଦନ ଆଦି କାର୍ଯ୍ୟରେ ବ୍ୟବହାର କରାଯାଏ । ଭାରତଭଳି ଏକ କୃଷିପ୍ରଧାନ ଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରେ । ଜୀବିକାର୍ଜ୍ଜନର ଅନ୍ୟ ଏକ ପନ୍ଥା ଭାବେ ମତ୍ସ୍ୟଗ୍ରହଣ ଓ ଧାରଣ ଓ ଶିଳ୍ପାୟନ ପାଇଁ ମଧ୍ୟ ସାହାଯ୍ୟ କରେ ।

## ନଦୀଜଳ ପ୍ରଦୂଷଣ :

ଶିଳ୍ପାୟନ, ସହରୀକରଣ, କୃଷି ଉନ୍ନୟନ ଏବଂ ଗୃହକାର୍ଯ୍ୟ ପାଇଁ ଜଳର ଆବଶ୍ୟକତା କ୍ରମାଗତ ଭାବେ ବୃଦ୍ଧି ପାଉଥିବା ଯୋଗୁ ନଦୀଜଳର ଗୁଣବତ୍ତାରେ ପ୍ରତିକୂଳ ପ୍ରଭାବ ପଡୁଅଛି । ଏହାଫଳରେ ଅଧିକରୁ ଅଧିକ ଜଳ ନଦୀରୁ ନିଷ୍କାସିତ ହେଉଛି । ଯଦ୍ୱାରା ନଦୀରେ ଜଳପ୍ରବାହର ପରିମାଣ ହ୍ରାସ ପାଉଛି । ଅପର ପକ୍ଷରେ ନର୍ଦ୍ଦମାଜଳ ଓ ଶିଳ୍ପଗୁଡ଼ିକରୁ ବାହାରୁଥିବା ବର୍ଜ୍ୟବସ୍ତୁ ଏବଂ ଅପରିଷ୍କାର ଜଳ ନଦୀଧାରରେ ମିଶୁଥିବାରୁ ନଦୀ ଜଳ ପ୍ରଦୂଷିତ ହେଉଅଛି । ଏହାଦ୍ୱାରା ନଦୀ ତା'ର ନିଜ ଜଳଧାରାକୁ ପରିଷ୍କୃତ କରିବାରେ ଅକ୍ଷମ ହେଉଅଛି । ଉଦାହରଣ ସ୍ୱରୂପ ଗଙ୍ଗାନଦୀରେ ଜଳପ୍ରବାହ ଉପଯୁକ୍ତ ପରିମାଣରେ ହେଲେ କୌଣସି ଏକ ବଡ଼ ସହରର ୨୦ କି.ମି. ପର୍ଯ୍ୟନ୍ତ ଜଳକୁ ସ୍ୱଚ୍ଛ ଏବଂ ପରିଷ୍କାର ରଖିବାର କ୍ଷମତା ଏହାର ଅଛି । ମାତ୍ର କ୍ରମବର୍ଦ୍ଧିଷ୍ଣୁ ସହରୀକରଣ ଏବଂ ଶିଳ୍ପାୟନ ଦ୍ୱାରା ଏହା ସମ୍ଭବ ହେଉନାହିଁ । ଫଳତଃ ପ୍ରଦୂଷଣ ସ୍ତର ବୃଦ୍ଧି ପାଇବାରେ ଲାଗିଛି । ଏହାର ମୁକାବିଲା ସକାଶେ ସରକାର ନଦୀଜଳ ପ୍ରଦୂଷଣ ରୋକିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ଏଭଳି କାର୍ଯ୍ୟପନ୍ଥା (Action ) ସମ୍ବନ୍ଧରେ ତୁମେ ଜାଣିଛ କି ? ପ୍ରଦୂଷିତ ନଦୀଜଳ ଦ୍ୱାରା ତୁମର ସ୍ୱାସ୍ଥ୍ୟକ୍ଷୁର୍ଣ୍ଣ ହୋଇଛି କି ? ମଧୁର ଜଳ ବିନା ମନୁଷ୍ୟର ଜୀବନ ବିଷୟରେ ଚିନ୍ତାକର ଏବଂ ଏହା ଉପରେ ତୁମଶ୍ରେଣୀରେ ଏକ ତର୍କସଭାର ଆୟୋଜନ କର ।

## ଓଡ଼ିଶାର ନଦୀ ସମୂହ :

ଓଡ଼ିଶାର ସମସ୍ତ ନଦୀ, ଉପଦ୍ୱୀପ ଏବଂ ମାଳଭୂମି କିମ୍ବା ଏହାର ଅଂଶବିଶେଷରୁ ଉତ୍ପତ୍ତି ଲାଭ କରି ବଙ୍ଗୋପସାଗରରେ ପଡ଼ିଛନ୍ତି । ତେଣୁ ନଦୀଗୁଡ଼ିକ ଚିରସ୍ରୋତା କିମ୍ବା ବର୍ଷସାରା ସୁନାବ୍ୟା ନୁହଁନ୍ତି । ଅଧିକାଂଶ ନଦୀ ସମୁଦ୍ରରେ ପଡ଼ିବା ପୂର୍ବରୁ ବିସ୍ତୀର୍ଣ୍ଣ ତ୍ରିକୋଣଭୂମି ସୃଷ୍ଟି କରିଛନ୍ତି । ମହାନଦୀ, ବ୍ରାହ୍ମଣୀ, ବୈତରଣୀ ବୁଢ଼ାବଳଙ୍ଗ, ଋଷିକୁଲ୍ୟା ଏବଂ ବଂଶଧାରା ଆଦି ଓଡ଼ିଶାର ମୁଖ୍ୟନଦୀ ।

## ମହାନଦୀ :

ମହାନଦୀ ଓଡ଼ିଶାର ସବୁଠାରୁ ବଡ଼ ନଦୀ । ଛତିଶଗଡ଼ ରାଜ୍ୟର ଧମତରୀ ଜିଲ୍ଲାରେ ଅବସ୍ଥିତ ସିହାୱା ପର୍ବତରୁ ବାହାରି ଝାରସୁଗୁଡ଼ା ଜିଲ୍ଲାରେ ଓଡ଼ିଶାକୁ ପ୍ରବେଶ କରିଛି । ଏହାର ଦୈର୍ଘ୍ୟ ପ୍ରାୟ ୮୫୭ କି.ମି. । ପାରାଦ୍ୱୀପ ନିକଟସ୍ଥ ବଡାଘରର ଦକ୍ଷିଣକୁ ବଙ୍ଗୋପସାଗରରେ ପଡ଼ିଛି । ଏହା ଭାରତର ଷଷ୍ଠ ବୃହତ୍ତମ ନଦୀ ଓ ଓଡ଼ିଶାରେ ଏହାର ଦୈର୍ଘ୍ୟ ୪୯୪ କି.ମି. ।

> **ତୁମପାଇଁ କାମ :**
>
> ***ମହାନଦୀ ଓଡ଼ିଶାର କେଉଁ କେଉଁ ଜିଲ୍ଲା ମଧ୍ୟଦେଇ ପ୍ରବାହିତ ହୋଇଛି ବାହାର କର ।***

ବୌଦର ସୁନାଖଣିଆଠାରୁ ଦଶପଲ୍ଲାର ବଡ଼ମୂଳ ଘାଟି ମଧ୍ୟରେ ଏହା ଏକ ଗଭୀର ଗଣ୍ଡ ସୃଷ୍ଟି କରିଛି । ତାହାକୁ ସାତକୋଶିଆ ଗଣ୍ଡ କୁହାଯାଏ । ବନ୍ୟାନିୟନ୍ତ୍ରଣ, ଜଳବିଦ୍ୟୁତ ଉତ୍ପାଦନ ଓ ଜଳସେଚନ ଉଦ୍ଦେଶ୍ୟରେ ଏହି ନଦୀଶଯ୍ୟାରେ ହୀରାକୁଦଠାରେ ଏକ ଡ୍ୟାମ୍ ଓ ଯୋବ୍ରାଠାରେ ଏକ ବ୍ୟାରେଜ ନିର୍ମାଣ କରାଯାଇ କୃତ୍ରିମ ଜଳଭଣ୍ଡାର ସୃଷ୍ଟି କରାଯାଇଛି । ଏଥିରୁ କେନାଲ ଖୋଳାଯାଇ ତ୍ରିକୋଣଭୂମି ଅଞ୍ଚଳରେ ଜଳସେଚନ କରାଯାଉଛି । କଟକଠାରୁ ଏହି ନଦୀର ତ୍ରିକୋଣଭୂମି ଆରମ୍ଭ ହୋଇଛି । ନିମ୍ନଶଯ୍ୟାରେ ଏହା ଅନେକ ଶାଖାନଦୀରେ ବିଭକ୍ତ ହୋଇଅଛି । ସେଗୁଡ଼ିକ ମଧ୍ୟରେ କାଠଯୋଡ଼ୀ, କୁଆଖାଇ, ବିରୂପା, ଦେବୀ, ଦୟା

ଓ ଭାର୍ଗବୀ ମୁଖ୍ୟ । ଓଡ଼ିଶା ଭିତରେ ତେଲ ଓ ଇବ୍ ମହାନଦୀର ଦୁଇଟି ମୁଖ୍ୟ ଉପନଦୀ ।

**ତୁମେ ଜାଣିଛକି ?**

*ମୁଖ୍ୟନଦୀରୁ ବାହାରି ଏହାର ଜଳକୁ ହ୍ରଦ କିମ୍ବା ସମୁଦ୍ରକୁ ନେଇ ଯାଉଥିବା ନଦୀକୁ ଏହାର ଶାଖାନଦୀ କୁହାଯାଏ । ପଟୁବାହକ ତ୍ରିକୋଣଭୂମି ଅଞ୍ଚଳରେ ନଦୀ ଅନେକଗୁଡ଼ିଏ ଶାଖାନଦୀରେ ବିଭକ୍ତ ହୋଇଥାଏ ।*

## ବ୍ରାହ୍ମଣୀ :

ଶଙ୍ଖ ଓ କୋଏଲ ନାମକ ଦୁଇଟି ନଦୀ ଛୋଟନାଗପୁର ମାଳଭୂମିରୁ ବାହାରି ରାଉରକେଲା ନିକଟସ୍ଥ ବେଦବ୍ୟାସଠାରେ ମିଳିତ ହୋଇ ବ୍ରାହ୍ମଣୀ ନଦୀ ନାମ ଧାରଣ କରିଛନ୍ତି । ଏହା ଓଡ଼ିଶାର ଦ୍ୱିତୀୟ ବଡ଼ ନଦୀ । ବୈତରଣୀ ସହ ମିଳିତ ହୋଇ ଧାମରାଠାରେ ବଙ୍ଗୋପସାଗରରେ ପଡ଼ିଅଛି । ଏହାର ନଦୀଶଯ୍ୟାରେ ରେଙ୍ଗାଲୀଠାରେ ଗୋଟିଏ ଡ୍ୟାମ କରାଯାଇ ଜଳବିଦ୍ୟୁତଶକ୍ତି ଉତ୍ପାଦନ କରାଯିବା ସଙ୍ଗେ ସଙ୍ଗେ ଜଳସେଚନ ମଧ୍ୟ କରାଯାଉଛି । ଖରସ୍ରୋତା ଏହାର ମୁଖ୍ୟ ଶାଖାନଦୀ । ବ୍ରାହ୍ମଣୀନଦୀ କୂଳରେ ଗଢ଼ିଉଠୁଥିବା ଶିଳ୍ପଯୋଗୁ (ଅନୁଗୁଳର ଜାତୀୟ ଆଲୁମିନିୟମ ଶିଳ୍ପ ଓ ତାଳଚେରର କୋଇଲା ଓ ତାପଜବିଦ୍ୟୁତ କାରଖାନା) ଏହାର ଜଳ ଦୂଷିତ ହେବାସଙ୍ଗେ ସଙ୍ଗେ ନିମ୍ନମାର୍ଗରେ ଏହାର ଜଳଉପରେ ନିର୍ଭର କରୁଥିବା ଗ୍ରାମବାସୀମାନଙ୍କର ସ୍ୱାସ୍ଥ୍ୟଉପରେ ଖରାପ ପ୍ରଭାବ ପଡୁଅଛି । ଏହାର ଦୈର୍ଘ୍ୟ ପ୍ରାୟ ୭୯୯ କି.ମି. ।

## ସୁବର୍ଣ୍ଣରେଖା :

ଛୋଟନାଗପୁର ମାଳଭୂମିରୁ ବାହାରି ପଶ୍ଚିମବଙ୍ଗ ମଧ୍ୟଦେଇ ପ୍ରବାହିତ ହେବାପରେ ବାଲେଶ୍ୱର ଜିଲ୍ଲାକୁ ପ୍ରବେଶ କରିଅଛି । ଏହି ଜିଲ୍ଲାରେ ପ୍ରବାହିତ ହେବା ପରେ ବଙ୍ଗୋପସାଗରରେ ପଡ଼ିଅଛି । ଏହାର ଦୈର୍ଘ୍ୟ ୪୩୩ କି.ମି. ।

## ବୈତରଣୀ :

କେନ୍ଦୁଝର ଜିଲ୍ଲାର ଗୋନାସିକା ପର୍ବତରୁ ବାହାରିଛି । ସାଳନ୍ଦୀ ବୈତରଣୀ ନଦୀର ଏକ ଉପନଦୀ । ମୟୂରଭଞ୍ଜର ମେଘାସନ ପର୍ବତରୁ ସାଳନ୍ଦୀର ଉତ୍ପତ୍ତି । ଏହାର ଦୈର୍ଘ୍ୟ ୩୬୫ କି.ମି. ।

**ତୁମପାଇଁ କାମ :**

*ବୈତରଣୀ ନଦୀ କେଉଁ କେଉଁ ଜିଲ୍ଲାମାନଙ୍କରେ ପ୍ରବାହିତ ହେଉଅଛି ବାହାର କର ।*

## ବୁଢ଼ାବଳଙ୍ଗ :

ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ପାହାଡ଼ରୁ ଉତ୍ପତ୍ତି ଲାଭକରି ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲା ମଧ୍ୟଦେଇ ପ୍ରବାହିତ ହେବାପରେ ସମୁଦ୍ରରେ ପଡ଼ିଅଛି । ବାଲେଶ୍ୱର ଓ ବାରିପଦା ସହରଦ୍ୱୟ ଏହି ନଦୀକୂଳରେ ଅବସ୍ଥିତ । ବରେହିପାଣି ଜଳପ୍ରପାତ ଏହି ନଦୀ ଶଯ୍ୟାରେ ଅବସ୍ଥିତ । ଏହି ନଦୀର ଦୈର୍ଘ୍ୟ ୧୭୫ କି.ମି. ।

## ଋଷିକୁଲ୍ୟା :

କନ୍ଧମାଳ ଜିଲ୍ଲାର ଋଷି ପର୍ବତରୁ ବାହାରି ବଙ୍ଗୋପସାଗରରେ ପଡ଼ିଛି । ଧନେଇ, ବଡ଼ନଦୀ ଓ ବାଘୁଆ ଏହାର ଦୁଇଟି ମୁଖ୍ୟ ଉପନଦୀ ଓ ଏହାର ମୁହାଣରେ ତ୍ରିକୋଣଭୂମି ନାହିଁ । ଏହାର ଦୈର୍ଘ୍ୟ ୧୬୫ କି.ମି. ।

## ବଂଶଧାରା :

କଳାହାଣ୍ଡି ଜିଲ୍ଲାର ପାର୍ବତ୍ୟାଞ୍ଚଳରୁ ବାହାରି ଆନ୍ଧ୍ରପ୍ରଦେଶରେ ପ୍ରବେଶ କରିଛି । ମହେନ୍ଦ୍ରତନୟା ଏହାର ଏକ ଉପନଦୀ । ମହେନ୍ଦ୍ରତନୟା ନଦୀ ମହେନ୍ଦ୍ରଗିରିର ଉତ୍ପତ୍ତିଲାଭ କରି ବଂଶଧାରା ସହିତ ମିଳିତ ହୋଇଛି । ଏହାର ଦୈର୍ଘ୍ୟ ୨୩୦କି.ମି. ଓ ଆନ୍ଧ୍ରପ୍ରଦେଶର କଳିଙ୍ଗପଟ୍ଟନମ୍‌ଠାରେ ସମୁଦ୍ରରେ ପଡ଼ିଅଛି ।

ସାଳନ୍ଦୀ, ଇନ୍ଦ୍ରାବତୀ, କୋଲାବ, ଶାବରୀ, ମାଛକୁଣ୍ଡ, ନାଗାବଳୀ, ବାହୁଡା ଆଦି ଓଡ଼ିଶାର ମାଳଭୂମି ଅଞ୍ଚଳରେ କେତେକ ନଦୀ । ଡୁଡୁମା ଜଳପ୍ରପାତ ମାଛକୁଣ୍ଡ ନଦୀଶଯ୍ୟାରେ ଅବସ୍ଥିତ ।

# ଓଡ଼ିଶାର ହ୍ରଦ

### ଚିଲିକା :

ଭାରତର ସବୁଠାରୁ ବଡ଼ ଲୁଣିହ୍ରଦ । ଏହାର ଦୈର୍ଘ୍ୟ ୭୧ କି.ମି. ଓ ପ୍ରସ୍ଥ ୩୨ କିମି. । ଏହାର କ୍ଷେତ୍ରଫଳ ସମୟାନୁସାରେ ୭୮୦ ବର୍ଗ କି.ମି.ରୁ ୧୪୪ ବର୍ଗ କି.ମି. ମଧ୍ୟରେ ସୀମିତ ରହିଥାଏ । ସମୁଦ୍ର ସହ ସଂଲଗ୍ନ ହେଲେ ଏହା ଏକ ଉପହ୍ରଦରେ ପରିଣତ ହୁଏ । ବର୍ଷାଦିନେ ପ୍ରଚୁର ବର୍ଷାଜଳ ମିଶୁଥିବାରୁ ଏହାର ଲବଣତା ହ୍ରାସପାଏ । ମାତ୍ର ଶୀତଋତୁରେ ଏହା ଅଧିକ ଥାଏ । ଶୀତଋତୁରେ ଉତ୍ତର ମେରୁଅଞ୍ଚଳ, କାସ୍ପିୟାନ ହ୍ରଦ, ଜାମ୍ମୁ ଓ କାଶ୍ମୀର ଅଞ୍ଚଳରୁ ବିଭିନ୍ନ ଜାତିର ପକ୍ଷୀ ଚିଲିକାହ୍ରଦକୁ ଆସିଥାନ୍ତି । ଏହି ହ୍ରଦରୁ ପ୍ରଚୁର ପରିମାଣରେ ମାଛ ମରାଯାଏ । ଚିଲିକା ହ୍ରଦ ମଧ୍ୟରେ ପାରିକୁଦ, ମାଲୁଦ ଓ କାଳୀଜାଇ ପ୍ରଭୃତି ଅନେକ ଛୋଟ ଛୋଟ ପାହାଡ଼ ଅବସ୍ଥିତ । କାଳୀଜାଇ ପାହାଡ଼ରେ ମା କାଳୀଜାଇଙ୍କର ମନ୍ଦିର ଅଛି । ଚିଲିକାହ୍ରଦର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବାପାଇଁ ପର୍ଯ୍ୟଟକମାନେ ଆସିଥାନ୍ତି । ତେଣୁ ଏହାକୁ ଏକ ପର୍ଯ୍ୟଟନସ୍ଥଳୀରେ ପରିଣତ କରାଯାଇଛି । ଏଠାରେ ଏକ ନୌବାଳକ ତାଲିମକେନ୍ଦ୍ର ଅଛି । ଚିଲିକାହ୍ରଦ ବ୍ରହ୍ମପୁତ୍ର ଜାତିର ଡଲଫିନଙ୍କର ବାସସ୍ଥଳୀ । ସାତପଡ଼ା ନିକଟରେ ଡଲଫିନ୍ ଦେଖିବାପାଇଁ ବ୍ୟବସ୍ଥା କରାଯାଇଛି ।

### ଅଂଶୁପା :

ମହାନଦୀର ଏକ ବକ୍ର ଅଂଶ ବିଚ୍ଛିନ୍ନ ହୋଇ ଏହି ହ୍ରଦର ସୃଷ୍ଟି । ତେଣୁ ଏହା ଏକ ଅଶ୍ୱଖୁରାକୃତ ହ୍ରଦ । ଏହାର ଦୈର୍ଘ୍ୟ ୫ କି.ମି. ଏବଂ ପ୍ରସ୍ଥ ୨ କି.ମି. । ଏହାର ପଶ୍ଚିମରେ ସରଣ୍ଡା ପାହାଡ଼ ଓ ପୂର୍ବରେ କୁଞ୍ଜର ପାହାଡ଼ ଅବସ୍ଥିତ । ଏହାର ଦକ୍ଷିଣରେ ମହାନଦୀ ପ୍ରବାହିତ ହେଉଅଛି । ଏହା ଏକ ମଧୁର ଜଳପୂର୍ଣ୍ଣ ହ୍ରଦ । ଏଥିରୁ ମାଛ ଧରାଯାଏ । ଅଂଶୁପାକୁ ଏକ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରିବା ପାଇଁ ଓଡ଼ିଶାସରକାର ଚେଷ୍ଟିତ ।

### ପାଟ :

ଗଞ୍ଜାମଜିଲ୍ଲାର ଛତ୍ରପୁର ସହର ନିକଟରେ ଏହି ହ୍ରଦ ଅବସ୍ଥିତ । ଏହା ଏକ ମଧୁରଜଳପୂର୍ଣ୍ଣ ହ୍ରଦ । ଏହାର ଦୈର୍ଘ୍ୟ 4 କି.ମି. ଏବଂ ପ୍ରସ୍ଥ ½ କି.ମି. ।

---

# ପ୍ରଶ୍ନାବଳୀ

୧. ଚାରୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍‌ଟିକୁ ବାଛି ଲେଖ ।

(i) କେଉଁ ନଦୀଟି ଆରବ ସାଗରରେ ପଡ଼ିଅଛି ?

(କ) କୃଷ୍ଣା (ଖ) କାବେରୀ (ଗ) ନର୍ମଦା (ଘ) ମେଘନା

(ii) ନିମ୍ନଲିଖିତ କେଉଁ ହ୍ରଦଟି ଉତ୍ତରାଖଣ୍ଡରେ ଅବସ୍ଥିତ ?

(କ) ଡାଲ୍ (ଖ) ଉଲାର (ଗ) ଅଂଶୁପା (ଘ) ନୈନିତାଲ

(iii) କେଉଁ ନଦୀଟି ଏକ ଗ୍ରସ୍ତଉପତ୍ୟକା ମଧ୍ୟ ଦେଇ ପ୍ରବାହିତ ହେଉଅଛି ?

(କ) ମହାନଦୀ (ଖ) ତାପ୍ତି (ଗ) କାବେରୀ (ଘ) ବ୍ରହ୍ମପୁତ୍ର

(iv) ଉପଦ୍ୱୀପୀୟ ନଦୀମାନଙ୍କ ମଧ୍ୟରେ କେଉଁଟିର ଦୈର୍ଘ୍ୟ ସବୁଠାରୁ ଅଧିକ ।

(କ) କୃଷ୍ଣା (ଖ) ଗୋଦାବରୀ (ଗ) ମହାନଦୀ (ଘ) କାବେରୀ

(v) ସିନ୍ଧୁନଦୀର ଉତ୍ପତ୍ତିସ୍ଥଳ କେଉଁଟି ?

(କ) ଯମୁନୋତ୍ରୀ (ଖ) ମାନସରୋବର (ଗ) ଅମରକଣ୍ଟକ ମାଳଭୂମି (ଘ) ସାତପୁରା ପର୍ବତଶ୍ରେଣୀ

(vi) କେଉଁ ନଦୀର ଅବବାହିକା ଅଞ୍ଚଳ ଭାରତରେ ସବୁଠାରୁ ବଡ଼ ?

(କ) ବ୍ରହ୍ମପୁତ୍ର (ଖ) ସିନ୍ଧୁ (ଗ) ଗଙ୍ଗା (ଘ) ଗୋଦାବରୀ

୨. **ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ ।**

(i) ଜଳବିଭାଜିକା କହିଲେ କ'ଣ ବୁଝାଯାଏ ? ଗୋଟିଏ ଉଦାହରଣ ଦିଅ ।

(ii) ଗଙ୍ଗାନଦୀ ଓ ଯମୁନା ନଦୀ କେଉଁଠୁ ଉତ୍ପତ୍ତି ଲାଭ କରିଛନ୍ତି ?

(iii) ଗଙ୍ଗାନଦୀ କେଉଁ ଦୁଇଟି ନଦୀର ମିଳନଦ୍ୱାରା ସୃଷ୍ଟି ହୋଇଛି ଏବଂ କେଉଁଠାରେ ?

(iv) ତିବ୍ବତରେ ବ୍ରହ୍ମପୁତ୍ରର ଗତିପଥ ଅଧିକ ହେଲେ ମଧ୍ୟ କାହିଁକି କମ୍ ପରିମାଣର ପଟୁ ବହନ କରେ ?

(v) କେଉଁ ଦୁଇଟି ଉପଦ୍ୱୀପୀୟ ନଦୀ ଗଙ୍ଗାନଦୀର ବାମ ପଟେ ଏହାସହିତ ମିଶିଛନ୍ତି ?

୩. ହ୍ରଦଗୁଡ଼ିକର ଅର୍ଥନୈତିକ ଅବଦାନ ସମ୍ପର୍କରେ ଆଲୋଚନା କର ।

୪. ହିମାଳୟରୁ ବାହାରିଥିବା ଓ ଉପଦ୍ୱୀପୀୟ ନଦୀ ଗୁଡ଼ିକ ମଧ୍ୟରେ ଥିବା ଉଲ୍ଲେଖନୀୟ ପାର୍ଥକ୍ୟଗୁଡ଼ିକ ସମ୍ବନ୍ଧରେ ଆଲୋଚନା କର ।

୫. ଉପଦ୍ୱୀପୀୟ ପଶ୍ଚିମବାହିନୀ ଓ ପୂର୍ବବାହିନୀ ନଦୀ ମଧ୍ୟରେ ତୁଳନା କର ।

୬. ଦେଶର ଅର୍ଥନୈତିକ ବିକାଶପାଇଁ ନଦୀର ଭୂମିକା କାହିଁକି ଗୁରୁତ୍ୱପୂର୍ଣ୍ଣ ?

୭. **ତୁମ ପାଇଁ କାମ ।**

(i) ମାନଚିତ୍ର କାର୍ଯ୍ୟ- ଭାରତର ଏକ ରେଖାଙ୍କିତ ମାନଚିତ୍ରରେ ନିମ୍ନଲିଖିତ ନଦୀଗୁଡ଼ିକ ଦର୍ଶାଅ ।
ଗଙ୍ଗା, ସତଲେଜ, କୃଷ୍ଣା, ନର୍ମଦା, ତାପ୍ତି, ମହାନଦୀ ଏବଂ ବ୍ରହ୍ମପୁତ୍ର

(ii) ଅନ୍ୟ ଏକ ରେଖାଙ୍କିତ ମାନଚିତ୍ରରେ ଚିଲିକା, ସମ୍ବର, ଉଲ୍ଲାର, ପୁଲିକଟ୍, କୋଲେରୁ ହ୍ରଦ ଦର୍ଶାଅ ।

•••